## କେନାଲରୁ ମିଳିଲା ମହିଳାଙ୍କ ମୃତଦେହ

ମୋରଡ଼ା,(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ ବିଳାସ ଗ୍ରାମ ଦେଇ ଯାଇଥିବା ସୁବର୍ଣ୍ଣରେଖା କେନାଲରୁ ମଙ୍ଗଳବାର ସକାଳେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର ହୋଇଛି। ଗ୍ରାମବାସୀଙ୍କଠାରୁ ଖବରପାଇ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୫/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ପିଲାଙ୍କ କଳିକୁ କେନ୍ଦ୍ରକରି ଗଣ୍ଡଗୋଳ
### ୧୨ଜଣଙ୍କ ନାଁରେ ମାମଲା

ବାସୁଦେବପୁର,୨୨।୧୨(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଦର୍ଶନପୁର ପଞ୍ଚାୟତରେ ପିଲାଙ୍କ କଳିକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହାକୁ ନେଇ ଦୁଇ ପରିବାର ପକ୍ଷରୁ ସୁମତୀ ମହାଲିକ ଓ ରତ୍ନମଣି ମହାଲିକଙ୍କ ଅଭିଯୋଗ ଆଧାରରେ ବାସୁଦେବପୁର ଥାନାରେ ଉଭୟ ପକ୍ଷର ୧୨ଜଣଙ୍କ ନାଁରେ ୨ଟି ମାମଲା ରୁଜୁ ହୋଇଛି। ସ୍କୁଲରେ ପିଲାଙ୍କ ମଧ୍ୟରେ କଳିକୁ ନେଇ ଗତ ମଙ୍ଗଳବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୁମତୀ ଏତଲାରେ ଦର୍ଶାଇଛନ୍ତି ଯେ, ସେ ତାଙ୍କ ନାବାଳିକା ଝିଅକୁ ଧରି ଘର ଅଭିମୁଖେ ଫେରୁଥିବା ବେଳେ ଅପରପକ୍ଷ ମରଣାନ୍ତକ ଆକ୍ରମଣ କରିଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ତାଙ୍କ ଦୁଇ ନାବାଳିକା ଝିଅଙ୍କୁ ଖରାପ ବ୍ୟବହାର କରିବା ସହ ମାଡ଼ ମାରିଥିଲେ। ଅପରପକ୍ଷେ ରତ୍ନମଣି ଅଭିଯୋଗ କରିଛନ୍ତି, ସେ ତାଙ୍କ ନାବାଳିକା ଝିଅକୁ ଧରି ଘର ଅଭିମୁଖେ ଯାଉଥିବା ବେଳେ ଅପରପକ୍ଷ ମାଡ଼ ମାରିଥିଲେ। ସୁମତୀଙ୍କ ଅଭିଯୋଗ ଆଧାରରେ ଅପରପକ୍ଷର ୬ ଜଣଙ୍କ ନାମରେ ମାମଲା (ନଂ. ୫୯୧/୨୨) ଓ ରତ୍ନମଣିଙ୍କ ଅଭିଯୋଗ କ୍ରମେ ୬ ଜଣଙ୍କ ନାଁରେ ମାମଲା (ନଂ.୫୯୨/୨୨) ରୁଜୁ କରାଯାଇଛି।

### ବାଇକ୍ ଦୁର୍ଘଟଣାରେ ଖୁଡ଼ୀ, ପୁତୁରା ଗୁରୁତର

ମୋରଡ଼ା,୨୨।୧୨(ଡି.ଏନ.ଏ.)- ମୋରଡ଼ା ଥାନା ଚିତ୍ରଡ଼ା ଫାଣ୍ଡି ଅଧୀନ ପାରିଆଉଡ଼ାଠାରେ ଗୁରୁବାର ବାଇକ୍ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ରାସଗୋବିନ୍ଦପୁର ଥାନା ଅଧୀନ କାନପୁର ଇଟାମୁଣ୍ଡିଆର କର ସିଂ ଏବଂ ତାଙ୍କ ଖୁଡ଼ି ସୁମି ସିଂ। ଅପରାହ୍ନ ୧ଟା ବେଳେ ଚିତ୍ରଡ଼ା ପଟୁ ବାଇକ୍‌ରେ ଯାଉଥିବା ବେଳେ ଉଭୟେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସାପାଇଁ ଡାକ୍ତରଖାନା ପଠାଇଥିଲେ। ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛନ୍ତି।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଧାମନଗର,୨୨।୧୨(ଡି.ଏନ.ଏ.)-ସ୍ୱାଗତ ଉତ୍ସବ ନୂଆ ସ୍ୱପ୍ନ ଓ ସମ୍ଭାବନାର ସୂଚନା ଦିଏ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ପର୍କର ସେତୁ ତିଆରି କରିଥାଏ ବୋଲି ଧାମନଗର ମହାବିଦ୍ୟାଳୟ ବିଜ୍ଞାନ ବିଭାଗ ସମୂହର ସ୍ୱାଗତ ଉତ୍ସବରେ ଅଧ୍ୟାପିକା ଓ ଅଧ୍ୟାପକ ମତବ୍ୟକ୍ତ କରିଥିଲେ। ପ୍ରାଧ୍ୟାପକ ଡ. ବନମାଳୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଆଶୀର୍ବାଦ ମହାନ୍ତି, ଅତିଥି ଅଧ୍ୟାପିକା ଧରିତ୍ରୀ ସାହୁ, ମହାମାୟା ମହାନ୍ତି, ଅର୍ପିତା ସେଠୀ, ଅଧ୍ୟାପକ ଦୀପକ କୁମାର ବେହେରା, ମହମ୍ମଦ ମିକାଇଲ ଫାରୁକୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସିନିୟରଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା। ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ତୁଷାରକାନ୍ତ ପଣ୍ଡା। ସରୋଜିନୀ ପତି, ରାଜୀବ ପରିଡ଼ା, ପ୍ରଦୀପ୍ତ ନାୟକ, ବିକାଶ ସାହୁ, ଗୌରୀ ଶଙ୍କର ପଣ୍ଡା, ଅନୀତା ମହାପାତ୍ର, ସୁନିତା ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷକଙ୍କ ବଦଳିକୁ ବିରୋଧ

## ବିଦ୍ୟାଳୟ ଆଗରେ ଅଭିଭାବକ, ଛାତ୍ରୀଛାତ୍ରଙ୍କ ଧାରଣା

ଭଣ୍ଡାରିପୋଖରୀ,୨୨।୧୨(ସ୍ୱ.ପ୍ର.)


ଚିଙ୍ଗିଡିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ଆଗରେ ଧାରଣାରତ ଛାତ୍ରୀଛାତ୍ର ଓ ଅଭିଭାବକ।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଚିଙ୍ଗିଡିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଅଶୋକ ଶତପଥୀଙ୍କୁ ଏବେ ଜିଲା ସ୍କୁଲକୁ ଡେପୁଟେଶନରେ ବଦଳି କରାଯାଇଛି। ଏଠାରେ ଥିବା ପ୍ରଧାନଶିକ୍ଷକଙ୍କ ଅବସର ପରେ ନୂତନ ପ୍ରଧାନଶିକ୍ଷକ ଭାବେ ସେ ଦୁଇମାସ ହେବ ଦାୟିତ୍ୱ ଗ୍ରହଣ କରିଥିଲେ। ଦୁଇମାସ ଭିତରେ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ସହ ଶୈକ୍ଷିକ ବାତାବରଣକୁ ସେ ବଦଳାଇଥିବା ବେଳେ ତାଙ୍କୁ କେଉଁ ଉଦ୍ଦେଶ୍ୟରେ ବଦଳି କରାଗଲା ବୋଲି ପ୍ରଶ୍ନ ଉଠାଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ବିଦ୍ୟାଳୟ ଫାଟକ ଆଗରେ ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକ ପ୍ରାୟ ଦୁଇଘଣ୍ଟା ଧରି ଧାରଣା ଦେଇଥିଲେ। ପ୍ରଧାନ ଶିକ୍ଷକଙ୍କ ବଦଳି ବାତିଲ କରାଯିବା ପାଇଁ ସେମାନେ ଦାବି କରିଥିଲେ। ଖବର ପାଇ ସହକାରୀ ଜିଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ ଓ ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରେଇ ପହଞ୍ଚି ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଅଶୋକଙ୍କ ଭଳି ଜଣେ ଦକ୍ଷ ପ୍ରଧାନଶିକ୍ଷକ ଏଠାରେ ରହିବା ନିହାତି ଆବଶ୍ୟକ ବୋଲି ସରପଞ୍ଚ ଅମୂଲ୍ୟ ନାୟକ, ପରିଚାଳନା କମିଟି ସଭାପତି ବାସୁଦେବ ଗୋଚ୍ଛାୟତ, ଯୁବନେତା ଦୀପକ ପାଣିଗ୍ରାହୀ ପ୍ରମୁଖ କହିଥିଲେ। ବଦଳି ବାତିଲ କରାଯିବା ଲାଗି ଅଭିଭାବକ ସଞ୍ଜୟ ଖିଲାର, ମନୋଜ ପୁହାଣ, ମନୋରଞ୍ଜନ ବାରିକ, ପ୍ରଶାନ୍ତ ବେହେରା, କଳ୍ପତରୁ ସାହୁ, ଅମିୟ ବେହେରା, ପ୍ରତାପ କୁମାର ଦଳାଇ, ସତ୍ୟଭାମା ସାମଲ, ଜ୍ୟୋତ୍ସ୍ନାରାଣୀ ଦଳେଇ, ମାନସୀ ପଣ୍ଡା, ବୈଜୟନ୍ତୀ ସ୍ୱାଇଁ, ଜୟନ୍ତୀ ସାମଲ, ତିଳୋତ୍ତମା ନାୟକ ପ୍ରମୁଖ ଏକ ଦାବିପତ୍ର ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ଅତିଶୟ ପୁଷ୍ଟିହୀନ ଶିଶୁଙ୍କୁ ବର୍ଦ୍ଧିତ ଛତୁଆ

ଖଇରା, ୨୨।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲାରେ ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କୁ ବର୍ଦ୍ଧିତ ଛତୁଆ ପ୍ରଦାନ ପାଇଁ ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଖଇରା ବ୍ଲକର ମାଟିଆଳପଦା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଚୟନ କରାଯାଇଛି । ଏହି ଗୋଷ୍ଠୀ ପ୍ରତ୍ୟେକ ମାସ ୨୦ ତାରିଖରେ ଜିଲା ପାଇଁ ଆବଶ୍ୟକ ଛତୁଆ ପ୍ରସ୍ତୁତ କରି ସମସ୍ତ ବ୍ୟକ୍ତିଙ୍କୁ ପ୍ରଦାନ କରିବାକୁ ମହିଳା ଶିଶୁ ବିକାଶ ତରଫରୁ ନିର୍ଦ୍ଦେଶ ଦିଆଯାଇଛି । ମଙ୍ଗଳବାର ଧାର୍ଯ୍ୟ ଦିବସରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକ ଏହି ପ୍ରସ୍ତୁତି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଖଇରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଜାନକୀ ଦାସ, ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ବନିତା ପ୍ରଧାନ, ସମିତିସଭ୍ୟା ବାସନ୍ତୀ ମହାନ୍ତି, ଡିପିସି ବାମଦେବ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏମବିକେ, ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରକୁ ୮୦ ମନୋନୀତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

ବାହାନଗା, ୨୨।୧୨(ଡି.ଏନ.ଏ.)

### ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା

ବାଲେଶ୍ୱର ଜିଲା ବାହାନଗା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଜିଲାସ୍ତରକୁ ୮୦ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ତେବେ ବ୍ଲକର ୪୫ ବିଦ୍ୟାଳୟରୁ ୨୨୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବାହାନଗା ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠପଢା ସହିତ ଖେଳକୁଦରେ ପାରଦର୍ଶିତା ଦେଖାଇବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାହାନଗା ବିଡିଓ ଗୌରାଙ୍ଗ ଘୋଷ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ବ୍ରଜେନ୍ଦ୍ର କୁମାର ପଣ୍ଡା, ଏବିଇଓ ଓ ବିଆରସିସି ରୋହିଆ ଟୁଡୁ, ଏବିଇଓ ରବିନାରାୟଣ ପଣ୍ଡା, ବାହାନଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଧାରଞ୍ଜନ ମନ୍ତ୍ରୀ, ବାଲେଶ୍ୱର କ୍ରୀଡା ସଂଯୋଜକ ଅଶୋକ କୁମାର ନାୟକ, ସିଆରସିସି ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ୮୦ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।

# ମଣିଷ ନୁହେଁ, ସ୍ପଷ୍ଟକଲା ବନ ବିଭାଗ

## ମାଂସଖଣ୍ଡ ସହିତ ହାତୀ ଖେଳିବା ଘଟଣା

କେନ୍ଦୁଝର,୨୨।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ଅଧୀନ ଛାମୁଣ୍ଡା ଜଙ୍ଗଲରେ ବୁଧବାର ଏକ ମାଈ ହାତୀ ମାଂସଖଣ୍ଡ ସହ ଖେଳିବା ଘଟଣାକୁ ବନ ବିଭାଗ ଗୁରୁତ୍ୱର ସହ ନେଇଛି। ଏହି ମାଂସଖଣ୍ଡ କାହାର ସଠିକ୍ ଜଣାପଡ଼ି ନ ଥିଲେ ହେଁ ଏହା ମଣିଷର ନୁହେଁ ବୋଲି ବନ ବିଭାଗ ସ୍ପଷ୍ଟ କରିଛି। ଏହା କୌଣସି ବନ୍ୟପ୍ରାଣୀ କିମ୍ବା ହାତୀର ଭ୍ରୂଣ ହୋଇଥିବା ସନ୍ଦେହ କରାଯାଉଛି। ଗୁରୁବାର ମାଂସଖଣ୍ଡକୁ ଭେଟେରିନାରି ସର୍ଜନ ସଂଗ୍ରହ କରି ଭୁବନେଶ୍ୱରସ୍ଥିତ ସେଣ୍ଟର ଫର ୱାଇଲ୍ଡ ଲାଇଫର ଲାବରାଟୋରିକୁ ପରୀକ୍ଷା ପାଇଁ ପଠାଇଛି। ଉକ୍ତ ହାତୀ ଉପରେ ନଜର ରଖାଯାଇଥିବା ଡିଏଫ୍ଓ ଧନରାଜ ଏଚ.ଡି କହିଛନ୍ତି।

ପ୍ରକାଶ ଯେ, ତେଲକୋଇ ରେଞ୍ଜ ଜଙ୍ଗଲରେ ସମୁଦାୟ ଦୁଇଟି ଦଳରେ ୫୨ ହାତୀ ବିଚରଣ କରୁଥିବା ବେଳେ ୩୭ ହାତୀ ବିଶିଷ୍ଟ ଦଳ ଛାମୁଣ୍ଡା ଅଞ୍ଚଳରେ ବୁଲୁଛନ୍ତି। ସେଥିରୁ ଉକ୍ତ ମାଈ ହାତୀ ବୁଧବାର ଏକ ମାଂସ ପିଣ୍ଡୁଳାକୁ ପ୍ରାୟ ୮ ଘଣ୍ଟା ଧରି ଖେଳୁଥିବା ସ୍ଥାନୀୟ ଲୋକ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ମଣିଷ ମୃତଦେହ ଆଶଙ୍କା କରି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ବନ ବିଭାଗ ଓ ପୋଲିସ କର୍ମଚାରୀ ପହଞ୍ଚି ଦେଖିବା ସହ ଡ୍ରୋନ୍ କ୍ୟାମେରାରେ ରେକର୍ଡ କରିଥିଲେ। ଉକ୍ତ ସ୍ଥାନ ଖୋଜାଖୋଜି କରିବା ପରେ କେବଳ ମାଂସ ଓ ଅନ୍ତବୁଜୁଳା ପାଇଥିଲେ। ହାତଗୋଡ଼ କିମ୍ବା ମୁଣ୍ଡ ମିଳି ନ ଥିବା କିମ୍ବା ଉକ୍ତ ଗ୍ରାମରେ ହାତୀ କାହାରିକୁ ମାରିଥିବା ଅଭିଯୋଗ ମିଳି ନ ଥିବାରୁ ଏହା ମଣିଷ ଅବଶେଷ ନୁହେଁ। ଯାଞ୍ଚ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି। ଘଟଣାକୁ ନେଇ ତେଲକୋଇ ଥାନା ଅଧିକାରିଣୀ ସାଇପ୍ରଭା ରାଉତ କହିଛନ୍ତି, କୌଣସି ଅଭିଯୋଗ ଆସିନାହିଁ। ସେ ବିଷୟରେ ବନ ବିଭାଗ କହିପାରିବେ। ଉକ୍ତ ମାଈ ହାତୀଟି ଏବେ ଗୋଠରେ ମିଶି ଯାଇଥିବା ବେଳେ ସେମାନଙ୍କ ଚଳପ୍ରଚଳ ଉପରେ ବନ ବିଭାଗ କର୍ମଚାରୀ ନଜର ରଖିଛନ୍ତି।

## 'ଶାରୀରିକ, ବୌଦ୍ଧିକ ବିକାଶ ଘଟାଏ କ୍ରୀଡ଼ା'

ଭଦ୍ରକ ଅଫିସ,୨୨।୧୨

ଭଦ୍ରକ ଜିଲା ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେନାପତି ଏଥିରେ ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ୍ ଶ୍ୟାମସୁନ୍ଦର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା ଶାରୀରିକ ଓ ବୌଦ୍ଧିକ ବିକାଶ ଘଟିଥାଏ ବୋଲି କହିଥିଲେ। ସହକାରୀ ଶିକ୍ଷକ ସମୀର କୁମାର ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଭାଗ୍ୟଲତା ଅଗସ୍ତିଙ୍କ ତତ୍ତ୍ୱାବଧାନ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ପ୍ରତିଭା ବିକାଶ ଶିଶୁ ମହୋତ୍ସବର ଲକ୍ଷ୍ୟ


କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଭୋଗରାଇ, ୨୨।୧୨(ଡି.ଏନ.ଏ.)

ରାଜ୍ୟ ସରକାର ୫-ଟି ଯୋଜନାରେ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଶିକ୍ଷା ବ୍ୟବସ୍ଥାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅଣ୍ଟା ଭିଡ଼ିଛନ୍ତି ବୋଲି ବାଲେଶର ଜିଲା ଭୋଗରାଇ ବ୍ଲକ ଜୟରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ଜିଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା )ପକ୍ଷରୁ ଆୟୋଜିତ ୩୯ତମ ଦୁଇଦିନିଆ ଉତ୍ସବରେ ସଂଘର ପତାକାକୁ ଉତ୍ତୋଳନ ଓ ପୌରୋହିତ୍ୟ କରିଥିଲେ ସଂଘ ସଭାପତି ବାଦଲ ଚନ୍ଦ୍ର ପାତ୍ର। ଜିଲା ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ରାଜେନ୍ଦୁ ବିକାଶ ପାତ୍ର ସ୍ୱାଗତ ଭାଷଣ ଓ ପଣ୍ଡିତ ଶାନ୍ତି ପାଣିଗ୍ରାହୀ ବେଦପାଠ କରିଥିଲେ। ସଂଘ ସମ୍ପାଦକ ମନୋରଞ୍ଜନ ଦାସ ଉତ୍ସବର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଶିଷ୍ଟ ଅତିଥି ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନା ରାଣୀ ସାସମଲ, ଓଷ୍ଟାର ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ସରପଞ୍ଚ ଦିପ୍ତୀରାଣୀ ମିଶ୍ର, ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ସିଂ ପ୍ରମୁଖ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ଶିଶୁ ଉତ୍ସବର ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ସୌଭାଗ୍ୟ ରଞ୍ଜନ ଦେ, ନାଟ୍ୟକାର ସୁଧାଂଶୁ ଶେଖର ଜେନା, ସାମାଜିକ କର୍ମୀ ବାସୁଦେବ ଘୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂଘ ସଭାପତି ବାଦଲ ଚନ୍ଦ୍ର ପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଓଷ୍ଟାର ପୂର୍ବତନ ସଭାପତି ଇନ୍ଦୁମାଧବ ମହାନ୍ତି, ମୁଖ୍ୟବକ୍ତା ସାହିତ୍ୟିକ ତଥା ସ୍ତମ୍ଭକାର ସତ୍ୟଶିବ ଦାସ, ସମ୍ମାନିତ ଅତିଥି ଭାବେ ସମିତି ସଦସ୍ୟ ରାଧାଶ୍ୟାମ ଜେନା, ସଂଘ ଉପସଭାପତି ରେବତୀ ଜେନା, ସଦସ୍ୟ ଜଗବନ୍ଧୁ ପଣ୍ଡା ଓ ସ୍କୁଲ ପରିଚାଳନା କମିଟି ସଭାପତି ଜୟନ୍ତ ଦେ ପ୍ରମୁଖ ବ୍ୟକ୍ତି ଭାବନାର ଅନ୍ତରଚେତନାକୁ ଚେତନାଦୀପ୍ତ କଲେ ଭଲ ମଣିଷ ଗଢିଉଠେ ବୋଲି ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଜିଲାରେ ୧୨ଟି ବ୍ଲକର ୧୫ଟି ଜୋନରେ ୩ଶହ ଛାତ୍ରୀଛାତ୍ର ତର୍କ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା ସାଧାରଣ ଜ୍ଞାନ ବୁଦ୍ଧି ପରୀକ୍ଷା ଓ ଏକକ ନୃତ୍ୟ ସହ ୧୦ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦକ୍ଷ ବିଚାରକ ମଣ୍ଡଳୀ ଦ୍ୱାରା ୧୦ଜଣଙ୍କୁ ରାଜ୍ୟ ସ୍ତରକୁ ମନୋନୀତ କରାଯାଇଥିଲା। ଓଷ୍ଟାର ଭୋଗରାଇ ବ୍ଲକ ସଭାପତି ଶ୍ରୀନିବାସ ପ୍ରଧାନ, ଗୌରୀଶଙ୍କର ତ୍ରିପାଠୀ, ସମ୍ପାଦକ ନଟରଞ୍ଜନ ଘରାଇ, ପ୍ରଶାନ୍ତ କୁମାର ମହାନ୍ତି ସହ ସମସ୍ତ ବ୍ଲକର ଶିକ୍ଷକ ସଂଘ କର୍ମକର୍ତ୍ତା, ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିଥିଲେ।

# ବିଭିନ୍ନ ପ୍ରତିଯୋଗିତାରେ ଭାଗନେଲେ ୪୫୨ ଛାତ୍ରୀ

ବଡ଼ବିଲ, ୨୨।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ଦିନିକିଆ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପ୍ରଜାପିତା ବ୍ରହ୍ମାକୁମାରୀ ବଡ଼ବିଲ ଶାଖାର ମୁଖ୍ୟ ଜୟନ୍ତୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମ୍ବରୁଧର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିବିରରେ ତୃତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟର ମୋଟ୍ ୪୫୨ ଜଣ ଛାତ୍ରୀ ଅଳତା ପିନ୍ଧା, ଶଙ୍ଖ ଫୁଙ୍କା, ହାର ଗୁନ୍ଥା, ଝୋଟି, ମୁରୁଜ, ମେହେନ୍ଦି, କେଶ ବନ୍ଧା ଓ ଶାଢ଼ୀ ପିନ୍ଧା ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଶିଶୁ ବାଟିକାର ଛାତ୍ରୀମାନଙ୍କ ଦ୍ୱାରା କୃତ୍ରିମ ପରିବା ହାଟ ବେଶ୍ ଆକର୍ଷଣୀୟ ହୋଇଥିଲା। ଛାତ୍ରୀମାନଙ୍କୁ ମାଟି ହସ୍ତକର୍ମର କୌଶଳ ଶିକ୍ଷା ଦିଆଯାଇଥିଲା।

## ମୋ ଉଦଳା, ମୋ ପରିବାରର ବାର୍ଷିକୋତ୍ସବ

ଉଦଳା,୨୨।୧୨(ଡି.ଏନ.ଏ.)

ମୋ ଉଦଳା, ମୋ ପରିବାରର ତୃତୀୟ ବାର୍ଷିକ ଉତ୍ସବ ହାଇସ୍କୁଲ ଛକ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରବିନ୍ ମହାନ୍ତିଙ୍କ ଆବାହକତ୍ୱରେ ସଭା ଆୟୋଜନ କରାଯାଇଥିଲା। ଏନ୍ଏସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ବରିଷ୍ଠ ନାଗରିକ ଯଜ୍ଞନାରାୟଣ ମହାନ୍ତି, ବାର ଆସୋସିଏଶନର ସମ୍ପାଦକ ବସନ୍ତ ପରିଡ଼ା, ଏନ୍ଏମ୍ସି ଭାଇସ୍ ଚେୟାରମ୍ୟାନ ଲିଲି ଭୋଳ, ପୂର୍ବତନ କାଉନସିଲର ପ୍ରଭାତ ପରିଡ଼ା, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମନୋଜ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଶତାଧିକ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ବ୍ୟବସାୟୀ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଆଡ୍‌ଭୋକେଟ ବସନ୍ତ ପରିଡ଼ା, ବଣିକ ସଂଘ ସଭାପତି ରବୀନ୍ଦ୍ର ପରିଡ଼ା ଏବଂ ଚିତ୍ରଶିଳ୍ପୀ ଜିତେନ୍ଦ୍ର ହେମ୍ବ୍ରମଙ୍କୁ ସମ୍ମାନିତ କରାଯାଇଥିଲା।

# ଟାଟା ପାୱାରର ଡିଭିଜନ କାର୍ଯ୍ୟାଳୟ ଲୋକାର୍ପିତ

ଯୋଡ଼ା,୨୨।୧୨(ଡି.ଏନ.ଏ)


ଟାଟା ପାୱାର ଅଧିକାରୀମାନେ।

ଓଡିଶାରେ ବିଦ୍ୟୁତ ବିତରଣ କମ୍ପାନୀ ଟାଟା ପାୱାରର କେନ୍ଦୁଝର ଜିଲା ବିଦ୍ୟୁତ୍ ବିଭାଗର ଟିପିଏନଓଡିଏଲ ପକ୍ଷରୁ ଯୋଡ଼ା ବନେଇକଳାଠାରେ ଡିଭିଜନ କାର୍ଯ୍ୟାଳୟ ବୁଧବାର ଲୋକାର୍ପିତ ହୋଇଛି। ନର୍ଦନ ହେଡ୍ ସିଇଓ ବାଲେଶ୍ୱର ଭାସ୍କର ସରକାର ଫିତା କାଟି ଲୋକାର୍ପଣ କରିଥିଲେ। ଯୋଡ଼ା ବିଦ୍ୟୁତ୍ ଡିଭିଜନର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ଜେନାଙ୍କ ସୂଚନା ଅନୁଯାୟୀ, ଟାଟା ପାୱାର ସବୁ ସମୟରେ ଉପଭୋକ୍ତାମାନଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେଇଆସିଛି। କାର୍ଯ୍ୟାଳୟରେ ଉପଭୋକ୍ତାମାନେ ପ୍ରୋଜେକ୍ଟ, ସିଭିଲ, ସିଏମଜି, ଆଦି ସେବା ପାଇ ପାରିବେ। ଯୋଡ଼ା ଡିଭିଜନ ଅଧୀନରେ ଯୋଡ଼ା, ବଡବିଲ, ଚମ୍ପୁଆ ସବ୍ ଡିଭିଜନ ଆସୁଛି। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟୁତ୍ ବିଭାଗ କେନ୍ଦୁଝରର ଏସ୍ଇ ନାରାୟଣ ଦାସ, ଯୋଡା ଏସ୍‌ଡିଓ ଦିବ୍ୟରଞ୍ଜନ ସାହୁ, ସିସିଓ ଦୁଷ୍ମନ୍ତ ତ୍ୟାଗୀ ଉପସ୍ଥିତ ରହିଥିଲେ।

# 'ସମାଜ ଗଠନରେ ଶିଶୁମନ୍ଦିରର ଭୂମିକା ଗୁରୁତ୍ୱପୂର୍ଣ୍ଣ'

କେନ୍ଦୁଝର,୨୨।୧୨ (ଡି.ଏନ୍.ଏ/ସ୍ୱ.ପ୍ର.)

କେନ୍ଦୁଝର ଜିଲା ଜେଲ ରୋଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ଡ. କାର୍ତ୍ତିକ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କୁଳପତି ଡ. ଅଶୋକ ମହାପାତ୍ର ଯୋଗଦେଇ କେବଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦ୍ୱାରା ଶିଶୁର ସମଗ୍ର ବିକାଶ ହୋଇପାରିବ ବୋଲି ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବରେ ଜଗନ୍ନାଥ ଗବେଷକ ଓ ପ୍ରଚାରକ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଗୋବର୍ଦ୍ଧନ ମଠ ମାର୍ଗଦର୍ଶକ ଆଦିତ୍ୟ ବାହିନୀ ଯୋଗଦେଇ ସମାଜ ଗଠନରେ ଶିଶୁମନ୍ଦିରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀ ଜଗନ୍ନାଥ ଷ୍ଟିଲ୍ସ୍ ଓ ପାୱାର ଲି.ର ବରିଷ୍ଠ ଉପ ମହାପ୍ରବନ୍ଧକ ପ୍ରିୟଦର୍ଶୀ ଆର୍. ପଟ୍ଟନାୟକ ଯୋଗଦେଇ ଡିଜିଟାଲ କ୍ଲାସ ନିମନ୍ତେ ୨ଟି ପ୍ରୋଜେକ୍ଟର ଦେବା ନିମନ୍ତେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀ ସାଗରିକା ବାରିକ, ସୁସ୍ମିତା ଦାଶ, ସତ୍ୟଜିତ୍ ପଟ୍ଟନାୟକ ଏବଂ ୩୧ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା ସମିତିର ଉପସଭାପତି ଇଂ. ହରମୋହନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନଙ୍କ ଦ୍ୱାରା ମୁଖପତ୍ର ପ୍ରଜ୍ଞାଭାରତୀ ଉନ୍ମୋଚନ କରାଯାଇଥିଲା।



ଅତିଥିମାନେ ବିଦ୍ୟାଳୟର ମୁଖପତ୍ର ଉନ୍ମୋଚନ କରୁଛନ୍ତି।

# ଅତୀତ ସହ ଯୋଡ଼ି ଭବିଷ୍ୟତ ପାଇଁ ମାର୍ଗ ପ୍ରସ୍ତୁତି ମୋ କଲେଜ ଅଭିଯାନର ଲକ୍ଷ୍ୟ

ବାଲେଶ୍ୱର ଅଫିସ, ୨୨।୧୨



କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ମୋ କଲେଜ ଅଭିଯାନର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋ କଲେଜ ଅଭିଯାନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ମୋ କଲେଜ ଅଭିଯାନ ସଂଯୋଜକ ଡ. ଦେବଦତ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମୀନା ଦାସ ଏକ ଗୌରବମୟ ଓ ସମ୍ମାନଜନକ ସ୍ଥିତିରେ ନିଜକୁ ସଂସ୍ଥାପିତ କରିବା ପାଇଁ ମୋ କଲେଜ ଅଭିଯାନ ଛାତ୍ରୀଛାତ୍ର ସମ୍ମୁଖରେ ଅନେକ ବିକଳ୍ପ ପ୍ରସ୍ତୁତ କରିଛି ବୋଲି କହିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃ ଅନୁଷ୍ଠାନ ସହିତ ଯୋଡ଼ି ହୋଇରହିବା ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କୁ ମୋ କଲେଜ ଅଭିଯାନ ଯୋଜନା ଏକ ବୃହତ୍ତର କ୍ଷେତ୍ର ଯୋଗାଇଛି। ଏ ଦିଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଗ୍ରଗତି କରିଛି ବୋଲି ମତ ଦେଇଥିଲେ। ଓଡ଼ିଶା ସରକାରଙ୍କ ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇ ବ୍ୟକ୍ତିର ସବୁଠାରୁ ଏକ ଆକର୍ଷଣୀୟ ମୁହୂର୍ତ୍ତ ହେଉଛି କଲେଜ ଜୀବନ। ନିଜକୁ ଅତୀତ ସହିତ ଯୋଡ଼ି ଭବିଷ୍ୟତ ପାଇଁ ଏକ ଉପଯୁକ୍ତ ମାର୍ଗ ପ୍ରସ୍ତୁତ କରିବାର ଲକ୍ଷ୍ୟ ନେଇ ଏହି ମୋ କଲେଜ ଅଭିଯାନ ଯୋଜନା ଆରମ୍ଭ ହୋଇଥିବା ମତ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବୌଦ୍ଧିକ, ଉତ୍ପାଦନ ଓ ବିତ୍ତୀୟ ଅବଦାନକୁ ପ୍ରାଥମିକତା ଦେଇ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ କୃଷି କ୍ଷେତ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଦୃଷ୍ଟାନ୍ତମୂଳକ ପଦକ୍ଷେପମାନ ଗ୍ରହଣ କରିଛି ବୋଲି ପ୍ରକାଶ କରିବା ସହିତ ଶିକ୍ଷାନୁଷ୍ଠାନ ସହିତ ବିଦ୍ୟାର୍ଥୀମାନଙ୍କୁ ଏହି ତିନୋଟି ଫର୍ମରେ ଯୋଡ଼ିବା ପାଇଁ ଉଦ୍ୟମ ଅବ୍ୟାହତ ରଖିଥିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ପୁରାତନ ଛାତ୍ରସଂସଦ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନୀର ଉପସଭାପତି ଡ. ମୀନତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି

ଗୋପବନ୍ଧୁ ନଗର,(ଡି.ଏନ.ଏ.)- ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳାଠାରେ ଥିବା ଏକ ମୋବାଇଲ ଟାୱାରରୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ବ୍ୟାଟେରି ସହ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। କମ୍ପାନୀର କର୍ମଚାରୀ ବଡ଼ସାହି ଥାନା ଅଧୀନ ଟାକରବାଟି ଗ୍ରାମର ବିଜୟ କୁମାର ମହାନ୍ତଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ. ୩୮୬/୨୨) ରୁଜୁ କରି ତଦନ୍ତ ଚଳାଇଛି।

## ଆଜି କ'ଣ କେଉଁଠି

ଭଦ୍ରକ

- ଜିଲା ଶିଶୁମେଳା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧।
- ଏସ୍‌ବିଡି ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଗୋପବନ୍ଧୁପୁର, ଭଦ୍ରକ, ସମୟ: ଅପରାହ୍ନ ୩।

## ଯୁବକଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୨୨।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ କୁମ୍ଭିରଜା ଗ୍ରାମର ଜଣେ ଯୁବକ ବୁଧବାର ରାତିରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରଛନ୍ତି। ସେ ହେଲେ ସୁବାସ ଚନ୍ଦ୍ର ପାଲ। ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୨/୨୨) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

## ମାଙ୍କଡ଼ କାମୁଡ଼ାରେ ୩ ଗୁରୁତର

ହାଟଡ଼ିହୀ,୨୨।୧୨(ଡି.ଏନ୍.ଏ.): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଡଅଁର ଗ୍ରାମରେ ମାଙ୍କଡ଼ କାମୁଡ଼ାରେ ୩ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗ୍ରାମର ନୃସିଂହ ରାଉତ (୬୦), ହୃଦାନନ୍ଦ ଜେନା (୫୨), ହେମାଳୀ ଜେନା (୬୫)। ସମସ୍ତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଖବରଦାତାଙ୍କ ଅକାଳ ବିୟୋଗ

ସୋର, ୨୨।୧୨(ଡି.ଏନ.ଏ.)-ବୁଧବାର ବିଳମ୍ବିତ ରାତିରେ ସୋର ମ୍ୟୁନିସିପାଲିଟି ଅଧୀନ କ୍ଷୀରକୋଣୀ ଗ୍ରାମର ବରିଷ୍ଠ ଖବରଦାତା ଧୀରେଶ ଚନ୍ଦ୍ର ବେହେରା ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି। ସେ କିଛି ଦିନ ହେଲା ଜଣ୍ଡିସ୍‌ରେ ପୀଡିତ ଥିଲେ। ଗୁରୁବାର ମଧାହ୍ନରେ ତାଙ୍କ ମରଶରୀର ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ସୋରରେ ପହଞ୍ଚିବା ପରେ ଉତ୍ତରେଶ୍ୱରରୁ ଖବରଦାତା ବନ୍ଧୁଙ୍କ ସହ ବହୁ ବୁଦ୍ଧିଜୀବୀ ଶୋଭାଯାତ୍ରାରେ ନଗର ପରିକ୍ରମା କରାଇ ତାଙ୍କ ବାସଭବନରେ ପହଞ୍ଚିଥିଲେ। ସେ ଦୀର୍ଘ ୨୫ବର୍ଷ ଧରି ବିଭିନ୍ନ ଗଣମାଧମରେ ନିର୍ଭୀକତାର ସହ କାର୍ଯ୍ୟ କରିଥିଲେ।

## କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦର ଶୀତ ଆସର

ଖଇରା, ୨୨।୧୨(ଡି.ଏନ.ଏ.)- କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଖଇରା ବ୍ଲକର ବଟେଶ୍ୱରସ୍ଥିତ ବୁଢ଼ାମହାଦେବ ମନ୍ଦିର ପରିସରରେ ଗୁରୁବାର ଶୀତ ଆସର ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ଲମ୍ବୋଦର ନନ୍ଦଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ ଜଳଧର ମିଶ୍ର ପୌରୋହିତ୍ୟ କରିଥିଲେ। ସାହିତ୍ୟ ସଭାରେ ବିଶିଷ୍ଟ ସାରସ୍ୱତ ସାଧକ ଡ ଶ୍ୟାମସୁନ୍ଦର ପ୍ରଧାନ ମୁଖ୍ୟଅତିଥି, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ମୁଖ୍ୟବକ୍ତା, ଉମେଶଚନ୍ଦ୍ର ନାୟକ, ଚିନ୍ତାମଣି ସାହାଣି, ସୁଦାମ ଚରଣ ରାଉତ ପ୍ରମୁଖ ଯୋଗଦେଇ ଜୀବନର ଶୈଳୀରେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। କବୟିତ୍ରୀ ସନ୍ଧ୍ୟାରାଣୀ ବେହେରା, ବୁଦ୍ଧିରାମ ପାଣିଗ୍ରାହୀ, ଦେବେନ୍ଦ୍ର ରାଉତ, ସଙ୍କୀର୍ତ୍ତନ ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି, ସସ୍ମିତା ପୃଷ୍ଟି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କଲ୍ୟାଣି ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ଭାଙ୍ଗିଲେ, ଧାନଚାଉଳ ଖାଇଗଲେ

## ହାତୀ ଉପଦ୍ରବରେ ୬ ପରିବାର କ୍ଷତିଗ୍ରସ୍ତ

- କ୍ଷତିଗ୍ରସ୍ତଙ୍କୁ ଭେଟିଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା
- ତଦନ୍ତ କରି କ୍ଷତିପୂରଣ ପ୍ରଦାନ ଦାବି

କେନ୍ଦୁଝର,୨୨।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ ନିଶ୍ଚିନ୍ତପୁର ପଞ୍ଚାୟତର ଅମାଣିଗୋଡ଼ା ମୁଣ୍ଡାସାହିରେ ୧୦ରୁ ଊର୍ଦ୍ଧ୍ୱ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ହାତୀପଲ ସାହିର ପ୍ରାୟ ୬ଟି ପରିବାରଙ୍କ ଘର ଭାଙ୍ଗିବା ସହ ଧାନଚାଉଳ ଖାଇଯାଇଛନ୍ତି। ଏଥିସହ ଗରିବ ଆଦିବାସୀଙ୍କ ଆସବାବପତ୍ର, ଡେକଚି, କଡ଼େଇ ଆଦି ରୋଷେଇ ସାମଗ୍ରୀ ନଷ୍ଟ ହୋଇଯାଇଥିବାରୁ ପରିବାର ଲୋକ ଅସହାୟ ହୋଇପଡ଼ିଛନ୍ତି। ପ୍ରବଳ ଶୀତ କଷ୍ଟକୁ ଦ୍ୱିଗୁଣିତ କରିଦେଉଛି।

ହାତୀ ସମସ୍ତଙ୍କ ଘର ଭାଙ୍ଗିଥିବା ବେଳେ ଗଣେଶ ମୁଣ୍ଡାଙ୍କ ୧୫ ବସ୍ତା ଧାନ, ୨ ବସ୍ତା ଚାଉଳ, ରଞ୍ଜିତ ସର୍ଦ୍ଦାରଙ୍କ ୧୦ ବସ୍ତା ଚାଉଳ, ୨ ବସ୍ତା ଧାନ ଖାଇଦେଇଥିବା ବେଳେ ଜୟସିଂ ଦିଗି, ମାନିଆ ମୁଣ୍ଡା, ଦାରାସିଂ ଦିଗି, ମଣ୍ଟୁ ମୁଣ୍ଡା ଆଦିଙ୍କ ବି ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇଦେଇଛନ୍ତି। ବହୁ କଷ୍ଟରେ ଧାନ ଚାଷ କରି ଯାହା କିଛି ସଞ୍ଚୟ କରିଥିଲେ ସେସବୁ ହାତୀ ଖାଇଦେଲେ। ବର୍ଷ ତମାମ କ'ଣ ଖାଇବୁ ଓ କିପରି ଚଳିବୁ ବୋଲି କ୍ଷତିଗ୍ରସ୍ତ ଆଦିବାସୀମାନେ କହିଛନ୍ତି। ଖବର ପାଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାୟକ ଗ୍ରାମକୁ ପରିଦର୍ଶନ କରି କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ଭେଟିଥିଲେ। ହାତୀ ଉପଦ୍ରବ ଯୋଗୁ ଲୋକମାନେ ସର୍ବସ୍ୱ ହରାଇଛନ୍ତି। ତୁରନ୍ତ ସେମାନଙ୍କୁ ସହାୟତା ଦେବା ସହ ଥଇଥାନ କରିବାକୁ ଜିଲାପାଳ ଓ ଡିଏଫ୍‌ଓଙ୍କୁ ଜଣାଇବେ ବୋଲି ସେ କହିଛନ୍ତି। ଏନେଇ ଡିଏଫ୍‌ଓ ଏଚ.ଡି. ଧନରାଜ କହିଛନ୍ତି, ନିଶ୍ଚିତ ଭାବରେ କ୍ଷୟକ୍ଷତି ଆକଳନ କରି ସେମାନଙ୍କୁ କ୍ଷତିପୂରଣ ଦିଆଯିବ।



କ୍ଷତିଗ୍ରସ୍ତ ପରିବାରଙ୍କ ସହ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାୟକ।

# ଅନ୍ତର୍ନିହିତ ପ୍ରତିଭାର ବିକାଶର ମାଧ୍ୟମ ସୁରଭି



କୃତୀ ଛାତ୍ରୀଙ୍କ ସହ ଅତିଥିମାନେ।

ଜଳେଶ୍ୱର, ୨୨।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ଜ୍ଞାନବିକାଶ ଇଂଲିଶ ମିଡିୟମ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତପନ କୁମାର ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗଦେଇ କୁନି କୁନି ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ଚୟନ ଲାଗି ଏହା ଏକ ମାଧ୍ୟମ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ପୁନମ ରାଉତ, ସମ୍ମାନନୀୟ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ ଜେନା, ପ୍ରତିଷ୍ଠାତା ଡା. ପଦ୍ମଲାଭ ପ୍ରଧାନ, ଗଣେଶ ଚନ୍ଦ୍ର ପରିଡା, ଆଇଟିଆଇର ନିର୍ଦ୍ଦେଶକ ହୁଲେନ୍ଦ୍ର ନାଥ ଭଞ୍ଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଲେଲିନ କୁମାର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିକ୍ଷକ ଶମ୍ଭୁନାଥ ଦାସ ମଞ୍ଚ ଆହ୍ୱାନ, ଅନୁପ କୁମାର ପଣ୍ଡା ଅତିଥି ପରିଚୟ ଓ ବରୁଣ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଛାତ୍ରୀଛାତ୍ର ବିଜ୍ଞାନ ମନସ୍କ ହେବା ଉଚିତ'

## ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ




ମଞ୍ଚରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୨୨।୧୨(ଡି.ଏନ୍.ଏ)

କେନ୍ଦୁଝର ଜିଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଗଣିତ, ବିଜ୍ଞାନ ଓ ପରିବେଶ ପ୍ରଦର୍ଶନୀ ଏବଂ ପ୍ରକଳ୍ପ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କିଶୋର ପୃଷ୍ଟି ଯୋଗଦେଇ ଛାତ୍ରୀଛାତ୍ରମାନେ ବିଜ୍ଞାନ ମନସ୍କ ହେବା ଉଚିତ୍। ଅଧିକ ଗବେଷଣା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିରିକ୍ତଭାବେ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଜଡ଼ିପଦା ପିଏଚ୍‌ସିର ମେଡିକାଲ ଅଫିସର ଡ. ପୀତବାସ ଦାସ ଏବଂ ଇନ୍‌ସ୍ପାୟାର ଷ୍ଟେଟ ଇନ୍‌ଚାର୍ଜ ସୁବ୍ରତ ବାରିକ, ମୁଖ୍ୟ ବକ୍ତାଭାବେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଭୂତତ୍ତ୍ୱ ମୁଖ୍ୟ ଅଧାପକ ଡ. ପ୍ରଭୁ ପ୍ରସାଦ ଦାସ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗଣିତ, ବିଜ୍ଞାନ ଓ ପରିବେଶ ପ୍ରଦର୍ଶନୀରୁ ୭ଟି ଏବଂ ଇନ୍‌ସ୍ପାୟାରରୁ ୧୪ଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାର୍ଯ୍ୟ ସମୟରେ ଧାନ କ୍ରୟ ଉପରେ ଗୁରୁତ୍ୱ

ବନ୍ତ,୨୨।୧୨(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ସେବା ସମବାୟ ସମିତିରେ ଗୁରୁବାର ଧାନ ସଂଗ୍ରହ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଟୋକନ ଅନୁଯାୟୀ ଚାଷୀମାନଙ୍କଠାରୁ ଧାର୍ଯ୍ୟ ସମୟ ମଧ୍ୟରେ ଧାନ କ୍ରୟ କରାଯିବା, ମିଲରମାନେ ଯଥା ସମୟରେ ମଣ୍ଡିକୁ ଗାଡ଼ି ପଠାଇ ଧାନ ଉଠାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମଣ୍ଡିଠାରୁ ଅଧିକ ଦୂରରେ ଥିବା ଚାଷୀମାନଙ୍କ ସୁବିଧା ପାଇଁ ଏକ ଅତିରିକ୍ତ ଧାନମଣ୍ଡି ଖୋଲିବା ନେଇ ଆଲୋଚନା ହୋଇଥିଲା। ସମିତି ସଭାପତି ସେକ୍ କଦମ୍, ସମ୍ପାଦକ ନାରାୟଣ ଚନ୍ଦ୍ର ସାହୁ, ଚାଷୀ କମିଟି ସଭ୍ୟ ଅଶୋକ କୁମାର ମହାନ୍ତି, ହରି ନାରାୟଣ ମହାନ୍ତି, ଅଜୟ ବେହେରା, ଅନନ୍ତ ଦାସ, ରାହୁଲ ଅମିନ୍ ସିଦ୍ଦିକ୍ ଓ ସବୀର୍ ଅଲ୍ଲୀ ବୈଠକରେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ

# ସ୍କୁଲ ଯିବାକୁ ଛାତ୍ରୀଛାତ୍ର ନାକେଦମ୍

ବାଲେଶ୍ୱର ଅଫିସ, ୨୨।୧୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୁରୁବାର ବାଲେଶ୍ୱର ଗସ୍ତ ସମୟରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ବିଶେଷକରି ସ୍କୁଲ ଯାଉଥିବା ପିଲାମାନେ ନାକେଦମ୍ ହୋଇଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ପରେ ବାଲେଶ୍ୱରରେ ପହଞ୍ଚିବା ନିର୍ଦ୍ଧାରିତ ହୋଇଥିଲା। ହେଲେ ସକାଳଠାରୁ ଆଖପାଖ ସମସ୍ତ ଛକ ଓ ରାସ୍ତାକୁ ପୋଲିସ ସିଲ୍ କରିଦେଇଥିଲା। ଛାତ୍ରୀଛାତ୍ର ଉକ୍ତ ଅଞ୍ଚଳ ଓ ଆଖପାଖ ଅଞ୍ଚଳରେ ଥିବା ସ୍କୁଲକୁ ୪ରୁ ୫ କି.ମି. ବୁଲି ବୁଲି ଯାଇଥିଲେ। ଯେଉଁ ଛୋଟଛୋଟ ପିଲାମାନେ ସକାଳୁ ସ୍କୁଲ ଯାଇଥିଲେ ସେମାନେ ମଧ୍ୟ ଘରକୁ ଫେରିବାରେ ଅସୁବିଧା ହୋଇଥିଲା। ଅଭିଭାବକମାନେ ସ୍କୁଲରେ ଠିକଣା ସମୟରେ ପହଞ୍ଚି ପାରି ନ ଥିଲେ। ସେହିଭଳି ଅନେକ ସ୍କୁଲକୁ ଜିଲା ଶିକ୍ଷାଧିକାରୀ ବନ୍ଦ କରିବାକୁ କୌଣସି ପରାମର୍ଶ କିମ୍ବା ଚିଠି କରି ନ ଥିବାରୁ ସ୍କୁଲ ଖୋଲି ହଇରାଣରେ ପଡ଼ିଥିଲେ।

# ଖେଳିଲେ ପ୍ରଶାସନିକ ଅଧିକାରୀ, କର୍ମଚାରୀ

## ଭଦ୍ରକ କଲେକ୍ଟୋରେଟ୍ ଲିଗ୍

ଭଦ୍ରକ ଅଫିସ, ୨୨।୧୨

ହକି ବିଶ୍ୱକପ୍ ଅବସରରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲାର ସମସ୍ତ ବ୍ଲକରେ ପଞ୍ଚାୟତ ଏବଂ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଛି। ବୁଧବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ୩ଦିନିଆ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଭଦ୍ରକ କଲେକ୍ଟୋରେଟ୍ ଲିଗ୍- ୨୦୨୨ ଆରମ୍ଭ ହୋଇଛି। ସନ୍ଧ୍ୟା ୭ଟାରୁ ମ୍ୟାଚ୍ ଆରମ୍ଭ ହୋଇ ରାତି ୧୦ଟା ମଧ୍ୟରେ ଶେଷ ହେଉଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବ୍ୟାଟିଂ କରି ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଏକାଦଶ ଓ କୃଷି ବିଭାଗ କର୍ମଚାରୀ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୭ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ କୃଷି ବିଭାଗ ବିଜୟୀ ହୋଇଥିଲା। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧିନାୟକତ୍ୱରେ ପ୍ରଶାସନିକ ଦଳର ବ୍ୟାଟିଂରେ ଉପଅଧିନାୟକ ଉପଜିଲାପାଳ ମନୋଜ ପାତ୍ରଙ୍କ ବ୍ୟାଟ୍ ଚାଳନାରୁ ଚୌକା ବର୍ଷା ବେଶ୍ ଆକର୍ଷଣୀୟ ଥିଲା। ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀପ୍ରସାଦ ସାହୁ, ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ସହାୟକ ଜିଲାପାଳ ସୁଧାଂଶୁ ମୋହନ ସ୍ୱାଇଁ, ବିଡିଓ ସିତାକାନ୍ତ ରାଉତ, ତହସିଲଦାର ସମରେନ୍ଦ୍ର ଭଞ୍ଜ ପ୍ରମୁଖ ଖେଳିଥିଲେ। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ, ବାସୁଦେବପୁର ଅତିରିକ୍ତ ତହସିଲଦାର ତାପସ ରଞ୍ଜନ ସାମଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଅମ୍ପାୟାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଭଣ୍ଡାରିପୋଖରୀ ବିଡିଓ ଦେବଦତ୍ତ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ।



ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବ୍ୟାଟିଂ କରି ମ୍ୟାଚ୍‌କୁ ଉଦ୍‌ଘାଟନ କରୁଛନ୍ତି।

## ପ୍ରବନ୍ଧ ପ୍ରତିଯୋଗିତାରେ ପୁରସ୍କାର ବିତରଣ

ରେମୁଣା, ୨୨।୧୨(ଡି.ଏନ.ଏ.)

ବାଲେଶ୍ୱରର ସାମାଜିକ ସଙ୍ଗଠନ ବିଶ୍ୱାସ ପକ୍ଷରୁ ରେମୁଣା ସରକାରୀ ବିଦ୍ୟାଳୟରେ 'ଆମ ମାଟିର ମହକ' ଉପକ୍ରମରେ ହୋଇଥିବା 'ମୋତେ ଭଲଲାଗେ ମୋ ଗାଁ' ପ୍ରବନ୍ଧ ପ୍ରତିଯୋଗିତାର ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ସଙ୍ଗଠନ ଦ୍ୱାରା କରାଯାଉଥିବା ଏଭଳି କାର୍ଯ୍ୟକ୍ରମକୁ ଉତ୍ସାହିତ କରିବା ସହିତ ପିଲାଙ୍କୁ ଭଲ ପାଠ ପଢ଼ି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଗାଁମାନଙ୍କରେ ଲୁଚିଯାଉଥିବା କଳା, ସଂସ୍କୃତି, ଲୋକକଥା, ପରମ୍ପରା, ଖାଦ୍ୟ ଆଦିକୁ ଲୋକଲୋଚନକୁ ଆଣିବା ପାଇଁ ସଙ୍ଗଠନ ଦ୍ୱାରା କରାଯାଇଥିବା ଏଭଳି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପରିଡ଼ା, ସଦସ୍ୟାସଦସ୍ୟ ତଥା ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପୂଜା ନାଏକ ଚାମ୍ପିୟନ ବିବେଚିତ




ଚାମ୍ପିୟନ ପୂଜା ନାଏକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଯୋଡ଼ା,୨୨।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟର ବୁଧବାରଠାରୁ ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡ଼ା ଯୋଡ଼ା ଇଷ୍ଟ କେନ୍ଦ୍ରୀୟ ଖେଳପଡ଼ିଆରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କ୍ରୀଡାରେ +୨ ପ୍ରଥମ ବର୍ଷର ଛାତ୍ରୀ ପୂଜା ନାଏକ ଚଳିତ ବର୍ଷର ଚାମ୍ପିୟନ ବିବେଚିତ ହେଇଥିଲେ। ଛାତ୍ରୀମାନେ ଯୋଡ଼ା ଇଷ୍ଟ ଜଗନ୍ନାଥ ମନ୍ଦିରରୁ ମଶାଲ ଆଣି ଅଧ୍ୟକ୍ଷା ଡ. ମୃଦୁଳା ମହାନ୍ତିଙ୍କୁ ପ୍ରଦାନ କରିଥିଲେ। ପ୍ରଥମ ଦିନରେ ୮ ଓ ଦ୍ୱିତୀୟ ଦିନ ୮ ଫିଲ୍ଡ ଓ ଟ୍ରାକ ଇଭେଣ୍ଟ ଅନୁଷ୍ଠିତ ହେବା ସହିତ ଛାତ୍ରୀମାନଙ୍କ ମଧ୍ୟରେ ସ୍ଲୋ ସାଇକେଲ, ମ୍ୟୁଜିକ ଚେୟାର ପରି ଫନ ଗେମ ଓ ବିଭିନ୍ନ ଶ୍ରେଣୀମାନଙ୍କ ମଧ୍ୟରେ ରିଲେ ରେସ ଅନୁଷ୍ଠିତ ହୋଇଥିଲା। ପିଇଟି ବବିତାରାଣୀ ସିଂ ଏବଂ କଲେଜର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଯୋଡା ଟାଟା ଷ୍ଟିଲ ମୁଖ୍ୟଙ୍କ ସହଧର୍ମିଣୀ ତାନିୟା ବାନାର୍ଜୀ ଉଦ୍‌ଯାପନୀ ଦିବସରେ ଯୋଗଦେଇ ସଫଳ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପିକା ଗୀତା ମିଶ୍ର ପରିଚାଳନା କରିଥିବା ବେଳେ ଅଧାପକ ବିଭୂତି ଭୂଷଣ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# କୃଷିକ୍ଷେତ୍ର ପରିଦର୍ଶନକଲେ ସ୍ୱତନ୍ତ୍ର ସଚିବ

ଚମ୍ପୁଆ,୨୨।୧୨(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍‌ର କୃଷି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ ସ୍ୱତନ୍ତ୍ର ସଚିବ ମଧୁସୂଦନ ମିଶ୍ର ପରିଦର୍ଶନ କରିଛନ୍ତି। କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ ସହିତ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା କରାଯାଇଥିବା ଫାର୍ମ ପଣ୍ଡ ବୁଲି ଦେଖିବା ସହିତ ଏହାର ଅଗ୍ରଗତି ସମ୍ବନ୍ଧରେ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶୁସାନ୍ତ ମଲ୍ଲିକ, ଡିଡିଏଚ୍ ଜୟନ୍ତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଟିମ୍ ଗୋଧୁଳୀଠାରେ ରାଜ୍ୟ ଯୋଜନାରେ କରାଯାଇଥିବା ଶୋଲା ଚାଷ ପରିଦର୍ଶନ କରି ଚାଷୀଙ୍କ ସହ ଚାଷ କୌଶଳ ସମ୍ବନ୍ଧରେ ପଚାରି ବୁଝିଥିଲେ। ସେହିପରି, ଟୁଣୁଟୁଣାଠାରେ କରାଯାଇଥିବା ମାଣ୍ଡିଆ ପ୍ରୋସେସିଂ ୟୁନିଟ୍, ଇଚିଣ୍ଡାଠାରେ ପ୍ରମୋଦ ମହାନ୍ତଙ୍କ ଦ୍ୱାରା କରାଯାଇଥିବା ଉନ୍ନତ କୌଶଳ ପନିପରିବା ଚାଷ ଏବଂ ବଡ଼ନଇଠାରେ ଫାର୍ମ ପଣ୍ଡ ବୁଲି ଦେଖିଥିଲେ। କୃଷି ଜିଲା ଅଧିକାରୀ ମନୋରଞ୍ଜନ ମଣ୍ଡଳ, ଦିନବନ୍ଧୁ ସାହୁ ସମେତ ଉଦ୍ୟାନ କୃଷି ବିଭାଗର ଏସ୍ ଶୁଭଲକ୍ଷ୍ମୀ, ସହକାରୀ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ମିଶ୍ର, ରମାମଣୀ ସାହୁ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ।




ଶୋଲା ଚାଷ ପରିଦର୍ଶନ କରୁଛନ୍ତି ।

# 'ଶିଶୁଙ୍କୁ ଉଚିତ ମାର୍ଗଦର୍ଶନ କଲେ ରାଷ୍ଟ୍ରର ଉନ୍ନତି ସମ୍ଭବ'

## ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ବାରିପଦା ଅଫିସ/ବଡ଼ସାହି,୨୨।୧୨(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଶିଶୁ ଭଉଣୀଭାଇଙ୍କୁ ଉଚିତ ମାର୍ଗ ଦର୍ଶନ କରିପାରିଲେ ରାଷ୍ଟ୍ରର ଉନ୍ନତି ସମ୍ଭବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଉପସ୍ଥିତ ରହି ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଏଭଳି ଅନୁଷ୍ଠାନର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ ପୂର୍ବ କ୍ଷେତ୍ରର ସହ ସମ୍ପାଦକ ଗୌରୀ ପ୍ରସାଦ ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢିବାରେ ଗୁରୁମା ଗୁରୁଜୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରାରମ୍ଭରେ ମା' ବାଗଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରିଚାଳନା ସମିତିର ସମ୍ପାଦକ ନୀଳାଦ୍ରୀ ବିହାରୀ ଦଣ୍ଡପାଟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପରେ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରବୋଧ କୁମାର ଭୂୟାଁ, ପ୍ରଦୀପ କୁମାର ଭୂୟାଁ ଓ ସଞ୍ଜୟ କୁମାର ଜେନା ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ଦିଲ୍ଲୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପ୍ରଶାନ୍ତ କୁମାର ମହାନ୍ତି, ସ୍ନେହା ନାୟକ ଓ ଅବସରପ୍ରାପ୍ତ ଶିଶୁ ମନ୍ଦିର ଗୁରୁଜୀ ବ୍ରଜବନ୍ଧୁ ଆଚାର୍ଯ୍ୟଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଦ୍ୟାଳୟର ବିଭିନ୍ନ ସରକାରୀ ବୃତ୍ତି, ସଙ୍ଗୀତ ଓ କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିସରରେ ନୂତନ ଭାବେ ପ୍ରାଚୀର ପତ୍ର ଓ ବିଧାୟକଙ୍କ ହାତପାଣ୍ଠିରୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଥିଲା। ଶେଷରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମସ୍ତ ଗୁରୁମା ଗୁରୁଜୀ, ପରିଚାଳନା କମିଟିର କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମଞ୍ଚାସୀନ ଅତିଥିମାନେ।

